# Akashvani, Sambalpur

## SAMBALPURI NEWS EVENING BULLETIN

**3 June 2024- 7.02 pm- 7.12 pm.**

**********************************************

୧- ରାଜ୍ୟର୍ ଶହେ ୪୭ ଟା ବିଧାନ୍‌ସଭା ଆର୍ ୨୧ ଟା ଲୋକ୍‌ସଭା ଆସନ୍ ଲାଗି ଆଏବା କାଏଲ୍ ହେବା ଭୋଟ୍‌ଗନ୍ତି ।

- ଇଥର ଅଢ଼େଇ କୋଟିନୁ ଅଏତ୍‌କା ଲୋକ୍ ମତଦାନ୍ କରିଛନ୍‌: କହେଲେ ମୁଖ୍ୟ ନିର୍ବାଚନ୍ ଅଧିକାରୀ ।

୨- ରାଜ୍ୟ କେବିନେଟ୍‌ର ସୁପାରିଶ୍ ଅନ୍‌ସାରେ ୧୬ ନମ୍ବର୍ ବିଧାନ୍‌ସଭାକେ ଭଙ୍ଗ କଲେ ରାଜ୍ୟପାଲ୍ ।

୩- ଓଡ଼ିଶା ମିଳିତ ପ୍ରବେଶିକା ପରୀକ୍ଷା - ଓଜେଇଇର ବାହାର୍‌ଲା ପରୀକ୍ଷାଫଳ ।

- ୫୬ ହଜାର୍ ପରୀକ୍ଷାର୍ଥୀଙ୍କୁ ମିଲ୍‌ଲା ରେଙ୍କ୍ କାର୍ଡ଼ ।

ଆଉର୍

୪- ରାଏଜେ ଆଏଜ୍‌ଠାନୁ ମୁଲ୍ ହେଲା ଯୁକ୍ତ ୩ ନାଁଲେଖା ଲାଗି ଆବେଦନ୍ ପ୍ରକ୍ରିୟା ।

ଭୋଟ୍ ଗନ୍ତି ଆର୍ଏନ୍ୟୁ/ ସମ୍ବଲ୍ପୁର୍

ରାଜ୍ୟର୍ ଶହେ ୪୭ ଟା ବିଧାନ୍ସଭା ଆର୍ ୨୧ ଟା ଲୋକ୍ସଭା ଆସନ୍ ଲାଗି ଆଏବା କାଏଲ୍ ଭୋଟ୍ଗନ୍ତି ହେବା । ଇଥିର୍ଲାଗି ୭୦ ଟା ଭୋଟ୍ଗନ୍ନା କେନ୍ଦ୍ର କରାଯାଇଛେ । ଇଥୁ ୬୯ ଟା କେନ୍ଦ୍ର ନ ଇଭିଏମ୍ ଆର୍ ଗୁଟେ କେନ୍ଦ୍ର ନ ପୋଷ୍ଟାଲ୍ ବାଲାଟ୍ ଭୋଟ୍ ଗନ୍ତି କରାଯିବା । ସଖାଲର୍ ୮ ବଜେ ପହେଲା ପୋଷ୍ଟାଲ୍ ବେଲଟ ଗଣ୍ନା ହେବାର୍ ଉତ୍ରୁ ସାଢ଼େ ୮ ବଜେ ଇଭିଏମ୍ ଭୋଟ୍ଗନ୍ନା ମୁଲ୍ ହେବା । ଲୋକ୍ସଭା ଆର୍ ବିଧାନ୍ସଭା ଆସନ୍ ଭୋଟ୍ଗନ୍ତି ଲାଗି ଅଲ୍ଗା ଅଲ୍ଗା ଟେବୁଲ୍ ବ୍ୟବସ୍ଥା କରାଯାଇଛେ । ଭାରତୀୟ ନିର୍ବାଚନ୍ ଆୟୋଗଙ୍କର୍ ତର୍ଫୁ ରାଏଜେ ଶହେ ୨୪ ଝନ୍ ପର୍ଯ୍ୟବେକ୍ଷକ୍ ନିଯୁକ୍ତି ହେଇଛନ୍ । ରାଜ୍ୟ ମୁଖ୍ୟ ନିର୍ବାଚନ୍ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ଇ ବାବ୍ଦେ ସୂଚ୍ନା ଦେଇକରି କହିଛନ୍ ଯେ, ୮ ଟା ବିଧାନ୍ସଭା କ୍ଷେତ୍ର ନ ୩୦ ନୁ ଅଏତ୍କା ରାଉଣ୍ଡ୍ ଭୋଟ୍ଗନ୍ତି ହେବାର୍କେ ଥିବାର୍ ବେଲେ ବାକିସବୁ ବିଧାନ୍ସଭା କ୍ଷେତ୍ର ମାନ୍କେ ୩୦ ରାଉଣ୍ଡ୍ନୁ କମ୍ ଭୋଟ୍ ଗନ୍ତି ହେବା । ସେ ଆହୁରି କହିଛନ୍, ୨୦୧୯ ମସିହା ସାଧାରଣ ନିର୍ବାଚନ୍ ତୁଲ୍ନାଥି ଇଥର ନିର୍ବାଚନ୍ଥି ମତଦାନ୍ ହାର ବଢ଼ିଛେ । ୨୦୧୯ଥି ୭୩ ଦଶ୍ମିକ

ଶୂନ୍/୯ ପ୍ରତିଶତ୍ ମତଦାନ୍ ହେଇଥିବାର୍ ବେଳେ ଇଥର ୭୪ ଦଶ୍ମିକ୍ ୪/୪ ପ୍ରତିଶତ୍ ମତଦାନ୍ ହେଇଛେ ।

ସେନ୍ତା ପୁରୁଷ ଭୋଟର୍ଙ୍କର୍ନୁ ମହିଳା ଭୋଟର୍ଙ୍କର୍ ସଂଖ୍ୟା ଅଏତ୍କା ରହିଛେ । ୭୩ ଦଶ୍ମିକ୍ ୩/୭ ପୁରୁଷ ଭୋଟ୍ ଦେଇଥିବାର୍ ବେଳେ ୭୫ ଦଶ୍ମିକ୍ ୫/୫ ପ୍ରତିଶତ୍ ମହିଳା ଭୋଟ୍ ଦେଇଛନ୍ । ସବୁମିଶିକରି ଇଥର ଅଢ଼େଇ କୋଟି ଭୋଟର୍ ମତଦାନ୍ କରିଛନ୍ ବଲି ରାଜ୍ୟ ମୁଖ୍ୟ ନିର୍ବାଚନ୍ ଅଧିକାରୀ ଶ୍ରୀ ଧଳ କହିଛନ୍ ।

ସେଆଡ଼େ ଆଇନ୍ ଶୃଙ୍ଖଲା ଏ.ଡି.ଜି. ସଞ୍ଜୟ କୁମାର୍ ସାମ୍ବାଦିକ୍ ସମ୍ମିଲନୀଥି ସୂଚ୍ନା ଦେଇକରି କହିଛନ୍ ଯେ, ଭୋଟ୍ ଗନ୍ତି ଲାଗି ପୁଲିସ୍ ତର୍ଫୁ ସବୁ ପ୍ରକାର୍ ପ୍ରସ୍ତୁତି ସରିଛେ । ଆଏଜ୍ ରାତିନୁ ଭୋଟ୍ଗନ୍ନା କେନ୍ଦ୍ର ମାନ୍କେ ପୁଲିସ୍ ଫୋର୍ସ ମୁତୟନ୍ ହେବେ । ଶାନ୍ତିଶୃଙ୍ଖଲା ବଜାୟ ରଖିବାର୍ ଲାଗି ଅତିରିକ୍ତ ଶହେ ୧୫ କମ୍ପାନୀ ଫୋର୍ସ ମୁତୟନ କରାଯିବା ବଲି ସେ କହିଛନ୍ । ସେ ଆହୁରି କହିଛନ୍ ଯେ, ଭୋଟ୍ଗନ୍ତି କେନ୍ଦ୍ରମାନ୍କେ ମୋବାଇଲ୍ ନେବାର୍ ମନା କରାଯାଇଛେ । ଇତାର୍ସହେତେ ଭୋଟ୍ଗନ୍ତି କେନ୍ଦ୍ର ମାନ୍କେ ୩ ଥାକିଆ ସୁରକ୍ଷା ବ୍ୟବସ୍ଥା କରାଯାଇଛେ । କେନ୍ଦ୍ର ଭିତ୍ରେ କେନ୍ଦ୍ରୀୟ ସଶସ୍ତ୍ର ସୁରକ୍ଷା ବଳ, କେନ୍ଦ୍ର ବାହାରେ ରାଜ୍ୟ ସଶସ୍ତ୍ର ପୁଲିସ ବଳ ଆର୍ ବେରିକେଡ଼୍ ବାହାରେ ରାଜ୍ୟ ପୁଲିସ୍ ବାହିନୀ ମୁତୟନ ରହେବେ ।

ସିଇସି ବ୍ରିଫିଙ୍ଗ୍        ଆର୍‌ଏନ୍‌ୟୁ/ କଟକ୍

ଲୋକ୍‌ସଭା ନିର୍ବାଚନ୍‌ଥି ୬୪ କୋଟି ନୁ ଅଏତ୍‌କା ଭୋଟର୍ ଭାଗ୍ ନେବାର୍‌ଟା ଗୁଟେ ବିଶ୍ୱ ରେକର୍ଡ଼ ଆଏ ବଲି ମୁଖ୍ୟ ନିର୍ବାଚନ କମିଶନର୍ ରାଜୀବ୍ କୁମାର୍ କହିଛନ୍ । ନୂଆଦିଲ୍ଲୀ ନ ସାମ୍ବାଦିକ୍ ସମ୍ମିଲନୀଥି ସୂଚ୍‌ନା ଦେଇକରି ଶ୍ରୀ କୁମାର୍ କହିଛନ୍ ଯେ, ଆମେରିକା, ବ୍ରିଟେନ୍, ଫ୍ରାନ୍ସ, ଜର୍ମାନୀ, ଇଟାଲୀ, ଜାପାନ୍ ଆଉ କାନାଡ଼ା ବାଗିର୍ ସବୁ ଜି-ସେଭେନ୍ ଦେଶର୍ ଭୋଟର୍‌ଙ୍କର୍ ସଂଖ୍ୟାନୁ ଇଟା ଦେଢ୍ ଗୁନ୍ ଆଏ । ଇ ଲୋକ୍‌ସଭା ନିର୍ବାଚନ୍‌ଥି ୩୧ କୋଟି ନୁ ଅଏତ୍‌କା ମହିଳାଭୋଟର୍ ଭାଗ୍ ନେଇଥିବାର୍‌ଟା ଭିଲ୍ ପୁର୍‌ଥି ନ ସବୁନୁ ଅଏତ୍‌କା ଆଏ ବଲି ସେ କହିଛନ୍ । ୨୦୧୯ ସାଧାରଣ ନିର୍ବାଚନ୍‌ଥି ୫ ଶହ ୪୦ ଟା ବୁଥ୍ ନ ଫେର୍‌ଘାଏ ଭୋଟ୍ ହେଇଥିବାର୍ ବେଲେ ଇଥର ଖାଲି ୩୯ ଟା ବୁଥ୍ ନ ଫେର୍‌ଘାଏ ଭୋଟ୍ ହେବାର୍ ଆଉ ଗୁଟେ ସଫଲତା ଆଏ ବଲି ଶ୍ରୀ କୁମାର୍ କହିଛନ୍ ।

କେବିନେଟ୍ ଭଙ୍ଗ        ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟ କେବିନେଟ୍‌ର ସୁପାରିଶ୍ ଅନ୍‌ସାରେ ରାଜ୍ୟପାଲ୍ ରଘୁବର୍ ଦାସ ୧୬ ନମ୍ବର୍ ବିଧାନ୍‌ସଭାକେ ଭଙ୍ଗ କରିଛନ୍ । ଇ ବାବ୍‌ଦେ ସଂସଦୀୟ ବ୍ୟାପାର ବିଭାଗ୍ ତର୍‌ଫୁ ବିଧିବଦ୍ଧ ବିଜ୍ଞପ୍ତି ବାହାରିଛେ । ମୁଖ୍ୟମନ୍ତ୍ରୀ ନବୀନ୍ ପଟ୍ଟନାୟକ୍‌ଙ୍କର୍ ଅଧ୍ୟକ୍ଷତାଥି ଆଏଜ୍ ହେଇଥିବା କେବିନେଟ୍ ବୈଠକ୍‌ଥି ବିଧାନ୍‌ସଭା ଭଙ୍ଗ ପ୍ରସ୍ତାବ୍ ପାରିତ୍ ହେଇଥିଲା ।

ଇନ ଜନେଇ ଦିଆଯାଇପାରେ ଯେ, ନିର୍ବାଚନ୍ ଫଲାଫଲ୍ ଘୋଷ୍‌ନା ଆଘୋନୁ ପୁର୍‌ନା କେବିନେଟ୍ ଭଙ୍ଗା ହେସି । ନୂଆ ସର୍‌କାର୍ ଗଠନ୍ ହେବାର୍‌ତକ୍ ରାଜ୍ୟପାଲ୍ ମୁଖ୍ୟମନ୍ତ୍ରୀଙ୍କୁ କାମ୍‌ଚଲା ଦାୟିତ୍ୱଥି ରହେବାର୍ ଲାଗି ପରାମର୍ଶ ଦେସନ୍ । ଇତାର୍‌ସହେତେ ନୂଆଁ ସର୍‌କାର୍ ଗଢ଼୍‌ବାର୍ ଲାଗି ପ୍ରକ୍ରିୟା ମୁଲ୍ ହେସି । ଆଏବା କାଏଲ୍ ଫଲାଫଲ୍ ଆସ୍‌ବାର୍ ଉତ୍‌ରୁ ସବୁନୁ ଅଏତ୍‌କା ଆସନ୍ ପାଇଥିବା ଦଲ୍‌କେ ସର୍‌କାର୍ ଗଢ଼୍‌ବାର୍ ଲାଗି ରାଜ୍ୟପାଲ୍ ଆମନ୍ତ୍ରଣ୍ କର୍‌ବାର୍ ନିୟମ୍ ରହିଛେ ।

ନିର୍ବାଚନ୍ ଫଲାଫଲ୍-ସ୍ୱତନ୍ତ୍ର ବୁଲେଟିନ୍    ଆର୍‌ଏନ୍‌ୟୁ/ସମ୍ବଲପୁର

ଆଏବା କାଏଲ୍ ସାଧାରଣ୍ ନିର୍ବାଚନ୍ ୨୦୨୪ର ଭୋଟ୍ ଗନ୍‌ତି ହେବା । ଦେଶର୍ ସବୁ ଲୋକ୍‌ସଭା ଆସନ୍ ସହେତେ ଓଡ଼ିଶା ଆର୍ ଆନ୍ଧ୍ରପ୍ରଦେଶ୍‌ର ବିଧାନ୍‌ସଭା ନିର୍ବାଚନ୍‌ର

ଫଲାଫଲ୍ ଭିଲ୍ ବାହାର୍‌ବା । ଇତାକେ ନେଇକରି ଆଂଚଲିକ୍ ସମ୍ବାଦ୍ ବିଭାଗ୍, ସମ୍ବଲ୍‌ପୁର୍ ତର୍‌ଫୁ ୪ଟା ସ୍ୱତନ୍ତ୍ର ବୁଲେଟିନ୍ ପ୍ରସାରଣ୍ କରାଯିବା । ସଖାଲର୍ ୧୦ ବାଜିକରି ୫ ମିନିଟ୍‌ନୁ ୧୦ ବାଜିକରି ୧୦ ମିନିଟ୍, ଦିନର୍ ୧୨ ବାଜିକରି ୫ ମିନିଟ୍‌ନୁ ୧୨ ବାଜିକରି ୧୦ ମିନିଟ୍‌ତକ୍, ଉପର୍‌ବେଲା ୪ ବାଜିକରି ୫ ମିନିଟ୍‌ନୁ ୪ ବାଜିକରି ୧୦ ମିନିଟ୍‌ତକ୍ ଆର୍ ୫ ବାଜିକରି ୧୫ ମିନିଟ୍‌ନୁ ୫ ବାଜିକରି ୨୦ ମିନିଟ୍‌ତକ୍ ଇ ସ୍ୱତନ୍ତ୍ର ସମ୍ବାଦ୍ ପ୍ରସାରଣ୍ କରାଯିବା । ଇତାର୍‌ଛଡ଼ା ସବୁଦିନର୍ ବାଗିର୍ ସମ୍ବଲ୍‌ପୁରୀ ଆଂଚଲିକ୍ ସମ୍ବାଦ୍ ସଖାଲ ବେଲା ୬ ବାଜିକରି ୪୭ ମିନିଟ୍‌ନୁ ୬ ବାଜିକରି ୫୨ ମିନିଟ୍‌ତକ୍ ଆର୍ ସଞ୍ଜ୍‌ବେଲର୍ ୭ ବାଜିକରି ୨ ମିନିଟ୍‌ନୁ ୭ ବାଜିକରି ୧୨ ମିନିଟ୍‌ତକ୍ ଶୁନିପାର୍‌ବେ ।

ଓଜେଇଇ ଆର୍‌ଏନ୍‌ୟୁ/ କଟକ୍

ଓଡ଼ିଶା ମିଳିତ ପ୍ରବେଶିକା ପରୀକ୍ଷା ଓଜେଇଇ ପରୀକ୍ଷା ଫଲ୍ ବାହାରିଛେ । ଇଥି ବି. ଫାର୍ମାଥି ସାଗରିକା ଦାସ, ଏମ୍‌ବିଏଥି ସୂର୍ଯ୍ୟକାନ୍ତ ପୃଷ୍ଟି ଆଉ ଏମ୍. ଫାର୍ମାଥି ପଦ୍ମାଳୟା ମିଶ୍ର ଟପ୍ପର୍ ହେଇଥିବା ଜନାପଡ଼ିଛେ । ଇଥିର୍‌ଲାଗି ଗଲା ମେ ମାସ ୬ ତାରିଖ୍‌ନୁ ୧୦ ତାରିଖ୍‌ତକ୍ ପରୀକ୍ଷା କରାଯାଇଥିଲା । ମୋଟ୍ ୫୬ ହଜାର୍ ୪୭ ଝନ୍

ପରୀକ୍ଷାର୍ଥୀଙ୍କର୍ ଭିତ୍ରୁ ୫୬ ହଜାର୍ ପରୀକ୍ଷାର୍ଥୀଙ୍କୁ ରେଙ୍କ୍ କାର୍ଡ୍ ମିଲିଥିବାର୍ ସୂଚ୍ନା ମିଲିଛେ । ଛାତ୍ରଛାତ୍ରୀମାନେ ସେମାନ୍କର୍ ପରୀକ୍ଷାଫଲ୍ ojee.nic.in ଆର୍ odishajee.com ୱେବ୍ସାଇଟ୍ଥି ଦେଖିପାର୍ବେ ।

ଯୁକ୍ତ ୩ ନାଁଲେଖା ଆବେଦନ୍ ମୁଲ୍ ଆର୍ଏନ୍ୟୁ /ସମ୍ବଲପୁର

ରାଏଜେ ଆଏଜ୍ଠାନୁ ଯୁକ୍ତ ୩ ନାଁ ଲେଖା ଲାଗି ଆବେଦନ୍ ମୁଲ୍ ହେଇଛେ । ଉଚ୍ଚଶିକ୍ଷା ବିଭାଗ୍ର ବିଜ୍ଞପ୍ତି ଅନ୍ସାରେ ଛାତ୍ରଛାତ୍ରୀମାନେ ସାମ୍ସ ୱେବ୍ସାଇଟ୍ଥି ଆଏବା ୧୭ ତାରିଖ୍ତକ୍ ଆବେଦନ୍ କରିପାର୍ବେ । ୧୮ ଆଉ ୧୯ ତାରିଖ୍ ଦିନ ଫର୍ମ ସଂଶୋଧନ୍ ଲାଗି ସୁଯୋଗ୍ ଦିଆଯିବା ଆଉ ୨୫ ତାରିଖ୍ ଦିନ ପହେଲା ଖେପ୍ ତାଲିକା ବାହାର୍ବା । ୨୬ ନୁ ୨୯ ତାରିଖ୍ତକ୍ ଇ ଖେପେ ବଛାଯାଇଥିବା ଛାତ୍ରଛାତ୍ରୀ ନାଁ ଲେଖେଇପାର୍ବେ । ସେନ୍ତା ଆଏବା ଜୁଲାଇ ମାସ ୫ ତାରିଖ୍ ଦିନ ୨ ନମ୍ବର୍ ଖେପ୍ ନାଁଲେଖା ଲାଗି ତାଲିକା ବାହାର୍ବା । ୬ ନୁ ୯ ତାରିଖ୍ ଭିତ୍ରେ ନାଁ ଲେଖା ହେବା । ଜୁଲାଇ ୧୫ ତାରିଖ୍ ଦିନ ୩ ନମ୍ବର୍ ଖେପ୍ ନାଁ ଲେଖା ଲାଗି ତାଲିକା ବାହାର୍ବା ଆର୍ ୧୮ ତାରିଖ୍ ଭିତ୍ରେ ନାଁ ଲେଖାଯାଇପାର୍ବା । ଇ ବାବ୍ଦେ

ଅଏତ୍‌କା ସୂଚ୍‌ନା ସାମ୍ସ ୱେବ୍‌ସାଇଟ୍ www.samsodisha.gov.in ଥି ରହିଛେ ।

ଅସ୍ୱାଭାବିକ୍ ମୃତ୍ୟୁ-ରାଷ୍ଟ୍ରପତି ଶୋକ-ଏନ୍‌ଏସ୍‌ଡି/ପ୍ରେସ୍‌ରିଲିଜ୍

ଗ୍ରୀଷ୍ମପ୍ରବାହନୁ ରାଏଜେ ଆଏଜ୍‌ତକ୍ ଶହେ ୪୭ ଝନ୍‌କର୍ ଅସ୍ୱାଭାବିକ୍ ମୃତ୍ୟୁ ହେଇଥିବାର୍ ବେଲେ ୩୦ ଝନ୍‌କର୍ ଝାଉ ମାର୍‌ବାର୍‌ନୁ ଜୀବନ୍ ଯାଇଛେ ବଲି ସ୍ୱତନ୍ତ୍ର ରିଲିଫ୍ କମିଶନର୍‌ଙ୍କର୍ କାର୍ଯ୍ୟାଲୟନୁ ସୂଚ୍‌ନା ମିଲିଛେ । ଇତାର୍‌ଛଡ଼ା ୨୦ ଝନ୍‌କର୍ ମୃତ୍ୟୁ ଝାଉଥି ନାଇଁ ହେଇଥିବାର୍ ବେଲେ ବାକି ୯୭ ଝନ୍‌କର୍ ମୃତ୍ୟୁ ବାବଦ୍ ତଦନ୍ତ୍ ଚାଲିଛେ ।

ଭୋଟ୍ ଗନ୍‌ତି- ସମ୍ବଲପୁର୍/ବୌଦ୍ଧ/ସୁବର୍ଣ୍ଣପୁର୍/ନୂଆପଡ଼ା ସମ୍ବଦାଦତା

ରାଏଜେ ଆଏବା କାଏଲ୍ ଭୋଟ୍‌ଗନ୍‌ତି ହେବା । ପଶ୍ଚିମ ଓଡ଼ିଶାର୍ ଭିନ୍ ଭିନ୍ ଜିଲ୍ଲା ନ ଭୋଟ୍‌ଗନ୍‌ତି ଲାଗି ଜିଲ୍ଲାପ୍ରଶାସନ୍ ତର୍‌ଫୁ ସବୁପ୍ରକାର୍ ପ୍ରସ୍ତୁତି ସରିଛେ ।

ସମ୍ବଲ୍‌ପୁର୍ ଜିଲ୍ଲାର୍ ସମ୍ବଲ୍‌ପୁର୍, ରେଙ୍ଗାଲି, କୁଚିଣ୍ଡା, ଆଉ ରେଢ଼ାଖୋଲ୍ ବିଧାନ୍‌ସଭା ନିର୍ବାଚନ୍ ମଣ୍ଡଲୀ ନ ଭୋଟ୍ ଗନ୍‌ତି ଲାଗି ୪ ଟା କେନ୍ଦ୍ର କରାଯାଇଛେ । ସମ୍ବଲ୍‌ପୁର୍ ବିଧାନ୍‌ସଭା ଆଉ ଲୋକ୍‌ସଭା ଲାଗି ସମ୍ବଲପୁର ମହିଳା ମହାବିଦ୍ୟାଲୟ, ରେଙ୍ଗାଲି ବିଧାନସଭା ନିର୍ବାଚନ୍ ମଣ୍ଡଲୀ ଲାଗି ସମ୍ବଲ୍‌ପୁର୍‌ର ଏନ୍‌ଏସ୍‌ସିବି କଲେଜ୍, କୁଚିଣ୍ଡା ବିଧାନ୍‌ସଭା ମଣ୍ଡଲୀ ଲାଗି କୁଚିଣ୍ଡା କଲେଜ୍, ରେଢ଼ାଖୋଲ୍ ନିର୍ବାଚନ୍ ମଣ୍ଡଲୀ ଲାଗି ଭୀମଭୋଇ କଲେଜ୍ ନ ଭୋଟ୍‌ଗନ୍‌ତି କରାଯିବା । ସମ୍ବଲ୍‌ପୁର୍ ଆଉ କୁଚିଣ୍ଡା ଭୋଟ୍‌ଗନ୍‌ତି କେନ୍ଦ୍ର ନ ୧୦ ଟା ଲେଖା ଟେବୁଲ୍ ରହିଛେ । ସେନ୍ତା ରେଙ୍ଗାଲି ଆଉ ରେଢ଼ାଖୋଲ୍ ନ ୧୨ ଟା ଲେଖା ଟେବୁଲ୍‌ର ବ୍ୟବସ୍ଥା କରାଯାଇଛେ । ଭୋଟ୍‌ଗନ୍‌ତି ଲାଗି ଜିଲ୍ଲା ନ ୪ ଶହ ୯୧ ଝନ୍ କର୍ମଚାରୀ ରହେବେ ବଲି ଜିଲ୍ଲାପାଲ୍ ସୂଚ୍‌ନା ଦେଇଛନ୍ ।

ବୌଦ୍ଧ ଜିଲ୍ଲା ଭୋଟ୍‌ଗନ୍‌ତିର୍ ଲାଗି ଆଏଜ୍ ଗୁଟେ ସମୀକ୍ଷା ବୈଠକ୍ ସହେତେ ଗୁଟେ ମକ୍‌ଡ୍ରିଲ୍ ହେଇଯାଇଛେ । ଜିଲ୍ଲାପାଲ୍‌ଙ୍କର୍ ସଦ୍‌ଭାବନା ଗୃହ ନ ଜିଲ୍ଲାପାଲ୍ ଜେ.ସୋନାଲ୍‌ଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ବୈଠକ୍‌ଥି ଭୋଟ୍‌ଗନ୍‌ତି ଯେନ୍ତା ଶାନ୍ତିଶୃଙ୍ଖଲାଥି ହେଇପାର୍‌ବା ସେ ବାବ୍‌ଦେ ଆଲୋଚନା କରାଯାଇଥିଲା ।

ଜିଲ୍ଲାପାଲ୍ ଆର୍ ଏସ୍.ପି. ବୌଦ୍ଧ ପଂଚାୟତ୍ କଲେଜ୍ ଯାଇକରି ଗଣ୍‌ନା ଲାଗି ହେଇଥିବା ବ୍ୟବସ୍ଥାର୍ ସମୀକ୍ଷା କରିଛନ୍ । କଂଟାମାଲ୍ ବିଧାନ୍‌ସଭା ନିର୍ବାଚନ୍ ମଣ୍ଡଲୀ ଲାଗି ୧୪

ଟା ଟେବୁଲ୍, ବୌଦ୍ଧ ବିଧାନ୍ସଭା ନିର୍ବାଚନ୍ ମଣ୍ଡଲୀ ନ ଭୋଟ୍ ଗନ୍ତି ଲାଗି ୧୨ ଟା ଟେବୁଲ୍ର ବ୍ୟବସ୍ଥା କରାଯାଇଛେ । ଲୋକ୍ସଭା ଲାଗି ଇ ଦୁହି ନିର୍ବାଚନ୍ ମଣ୍ଡଲୀ ଲାଗି ସମାନ୍ ସଂଖ୍ୟାର୍ ଟେବୁଲ୍ଥି ଗନ୍ତି କରାଯିବା ।

ସୁବର୍ଣ୍ଣପୁର୍ ଜିଲ୍ଲାର୍ ସୋନ୍ପୁର୍ ଆର୍ ବୀର୍ମହାରାଜ୍ପୁର୍ ଠାନେ ବଲାଙ୍ଗିର୍ ଲୋକ୍ସଭା ଆସନ୍ ସହେତେ ଜିଲ୍ଲାର୍ ଇ ଦୁହି ବିଧାନ୍ସଭା ମଣ୍ଡଲୀର୍ ଭୋଟ୍ଗନ୍ତି ଲାଗି ପ୍ରସ୍ତୁତି ଶେଷ୍ ହେଇଛେ । ସୋନ୍ପୁର୍ ବିଧାନ୍ସଭା ନିର୍ବାଚନ୍ ମଣ୍ଡଲୀର୍ ଭୋଟ୍ଗନ୍ତି ସୋନ୍ପୁର୍ ମହାବିଦ୍ୟାଳୟ ନ ଆର୍ ବୀର୍ମହାରାଜ୍ପୁର୍ ମହାବିଦ୍ୟାଳୟ ଠାନେ ବୀର୍ମହାରାଜ୍ପୁର୍ ବିଧାନ୍ସଭା ନିର୍ବାଚନ୍ ମଣ୍ଡଲୀ ଆର୍ ବଲାଙ୍ଗିର୍ ଲୋକ୍ସଭା ଆସନ୍ର ଭୋଟ୍ଗନ୍ତି ହେବା ।

ସେନ୍ତା ନୂଆପଡ଼ା ଜିଲ୍ଲା ନେସ୍ନାଲ୍ କଲେଜ୍ ପରିସର ନ ଭୋଟ୍ଗନ୍ତି କେନ୍ଦ୍ର ଲାଗି ପ୍ରସ୍ତୁତି ଶେଷ୍ ହେଇଛେ ।

ଜିଏସ୍ଟି ସଂଗ୍ରହ ଆର୍ଏନ୍ୟୁ/ କଟକ୍

ରାଏଜେ ଗଲା ମାସେ ୧୪ ପ୍ରତିଶତ୍ ଅଏତ୍କା ସାମଗ୍ରୀ ଆଉ ସେବାକର ଜିଏସ୍ଟି ସଂଗ୍ରହ ହେଇଛେ । ଗଲାବଛର୍ ଇ ମାସ୍ନୁ ଇଟା ୧୪ ପ୍ରତିଶତ୍ ଅଏତ୍କା ଆଏ । ୨୦୨୩ ମେ’

ମାସେ ୪ ହଜାର୍ ୩ ଶହ ୯୮ କୋଟି ଜିଏସ୍‌ଟି ସଂଗ୍ରହ ହେଇଥିଲା । ହେଲେ ଇ ବଛର୍ ଏପ୍ରିଲ୍ ମାସ୍‌ନୁ ଇଟା ୮ ଶହ ୭୫ କୋଟି ଟଙ୍କା କମ୍ ଜିଏସ୍‌ଟି ସଂଗ୍ରହ ହେଇଥିଲା । ଗଲା ଏପ୍ରିଲ୍ ମାସେ ରାଜ୍ୟ ନ ୫ ହଜାର୍ ୯ ଶହ ୨ କୋଟି ଟଙ୍କା ଜିଏସ୍‌ଟି ସଂଗ୍ରହ ହେଇଥିଲା ।

ପାଣିପାଗ ଆର୍‌ଏନ୍‌ୟୁ / ସମ୍ବଲପୁର

ରାଏଜେ ଆଏବା ୪୮ ଘଂଟାତକ୍ ଗ୍ରୀଷ୍ମପ୍ରବାହ ଜାରି ରହେବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ଆକଲନ୍ କରିଛେ । ଆଏବା କାଏଲ୍ ବଲାଙ୍ଗିର୍ ଆଉ ବର୍‌ଗଡ଼୍ ଜିଲ୍ଲା ନ ଜବର୍ ଖରା ହେବା । ସେନ୍ତା କଲାହାଣ୍ଡି, ନୂଆପଡ଼ା, ସୁବର୍ଣ୍ଣପୁର୍ ଆର୍ ସମ୍ବଲ୍‌ପୁର୍ ଜିଲ୍ଲା ଲାଗି ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛେ । ସେଆଡ଼େ ତାତି ସହେତେ ଉପକୂଳ ଓଡ଼ିଶାଥି ବହୁତ୍‌କେ ଗୁଲଗୁଲି ହେଉଛେ । ଆଏବା ୬ ତାରିଖତକ୍ ଗୁଲ୍‌ଗୁଲି ଲାଗି ରହେବା । ସେନ୍ତା ୮ ତାରିଖ୍‌ତକ୍ ଭିନ୍ ଭିନ୍ ଜିଲ୍ଲା ନ କାଲ୍‌ବୈଶାଖୀର୍ ପ୍ରଭାବ୍‌ଥି ବର୍ଷା ହେବାର୍ ସମ୍ଭାବନା ରହିଛେ ବଲି ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ଅନୁମାନ୍ କରିଛେ ।